## ସଂକ୍ଷେପରେ

### ଅତର୍କିତ ଚଢ଼ାଉ ନିର୍ଦ୍ଦେଶ

ଅନୁଗୋଳ ଅଫିସ, ୨୪।୯- ଅନୁଗୋଳ ଜିଲାରେ ଚାଲୁଥିବା ୧୨ଟି ଅଲଟ୍ରାସାଉଣ୍ଡ କ୍ଲିନିକରେ ପିସି ଆଣ୍ଡ ପିଏନଡିଟି ଆଇନ୍‌ର ଠିକ କାର୍ଯ୍ୟକାରିତାକୁ ନେଇ ଗୁରୁବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ମାସରେ ଅଲଟ୍ରାସାଉଣ୍ଡ କ୍ଲିନିକଗୁଡ଼ିକୁ ଯାଞ୍ଚ କରିବା ସହ ଅତର୍କିତ ଚଢ଼ାଉ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅକ୍ଟୋବର ୧୧ରେ ପାଳନ ହେବାକୁଥିବା ଶିଶୁ କନ୍ୟା ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୧୫ ଦିନ ହୋଇଥିବା କନ୍ୟା ସନ୍ତାନମାନଙ୍କ ପାଇଁ ପ୍ରତି ବ୍ଲକରେ କେକ୍ କାଟି ଜନ୍ମୋତ୍ସବ ପାଳନ କରାଯିବ। କୃତିତ୍ୱ ହାସଲ କରିଥିବା କନ୍ୟା ସନ୍ତାନମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଜିଲାପାଳ କହିଥିଲେ। ସିଡିଏମ୍‌ଓ ଡାକ୍ତର ତ୍ରିଲୋଚନ ପ୍ରଧାନ, ପର୍ଶୁରାମ ପଣ୍ଡା, ଏଡିଏମ୍‌ଓ(ଜନସ୍ୱାସ୍ଥ୍ୟ), ପୂର୍ବତନ ପୌରାଧ୍ୟକ୍ଷ ସୁକାନ୍ତ ଦାସ, ବିଶ୍ୱ ଯୁବ କେନ୍ଦ୍ରର ମନୋଜ ମହାପାତ୍ର, ସରକାରୀ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ, ପ୍ରୋଗ୍ରାମ ଅଫିସର ପୂର୍ଣ୍ଣମାସୀ ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ୬ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୨୪।୯- ଅନୁଗୋଳ ଜିଲାରୁ ଶୁକ୍ରବାର ୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୩୦୭ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଚିହ୍ନଟଙ୍କ ମଧ୍ୟରେ ଅନୁଗୋଳ ପୌରପାଳିକାରୁ ୩ ଜଣ, ବଣ୍ଟଁରପାଳ ବ୍ଲକରୁ ଜଣେ, କଣିହାଁ ବ୍ଲକରୁ ଜଣେ ଓ କିଶୋରନଗର ବ୍ଲକରୁ ଜଣେ ରହିଛନ୍ତି। ସେହିଭଳି ଦିନକରେ ଜିଲାରୁ ୫ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

### ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ଛେଣ୍ଡିପଦା, ୨୪।୯- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପୋଲିସ ବଳାତ୍କାର ଉଦ୍ୟମ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଥାନା ଅଞ୍ଚଳର ଜଣେ ମହିଳା ଘରେ ଏକୁଟିଆ ଶୋଇଥିବା ବେଳେ ଅଭିଯୁକ୍ତ ନିକୁଞ୍ଜ ପ୍ରଧାନ ତାଙ୍କୁ ଗତ ୯ ତାରିଖରେ ବଳାତ୍କାର ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ ୪୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏସ୍ଆଇ ସଂଘମିତ୍ରା ଶତପଥୀ ଘଟଣାର ତଦନ୍ତ କରିବା ସହିତ ଅଭିଯୁକ୍ତ ନିକୁଞ୍ଜଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ। ତେବେ ଘରେ ଥିବା ଖବରପାଇ ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ଠକେଇ ଅଭିଯୋଗ, ଜଣେ ଗିରଫ

ଅନୁଗୋଳ ଅଫିସ, ୨୪।୯-ଠକେଇ ଅଭିଯୋଗରେ ଅନୁଗୋଳ ସଦର ଥାନା ପୋଲିସ ଶୁକ୍ରବାର ଛେଲିଆପଡ଼ା ଅଞ୍ଚଳର ସୀତାଂଶୁ ନାଥଙ୍କୁ ଗିରଫ କରିଛି। ପୋଲିସ କହିଛି, ବନ୍ତଲା ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ନିକଟରୁ ସୀତାଂଶୁ ୧୨ ହଜାର ଟଙ୍କା ଆଣିଥିଲେ। ତାଙ୍କୁ ବିଭିନ୍ନ କମ୍ପାନୀର ଚକୋଲେଟ ଶସ୍ତାରେ ଦେବେ ବୋଲି କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ବ୍ୟବସାୟୀ ଜଣଙ୍କ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଚା' ଦୋକାନରୁ ଚୋରି

ଅନୁଗୋଳ ଅଫିସ, ୨୪।୯- ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଚା ଦୋକାନରୁ ଚୋରି ହୋଇଛି। ଏ ନେଇ ଶୁକ୍ରବାର ଦୋକାନୀ ମାଲିକ ବଲାସିଂହା ଗ୍ରାମର ରଞ୍ଜନ ବିଶ୍ୱାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ଗୁରୁବାର ସନ୍ଧ୍ୟାରେ ରଞ୍ଜନ ଚା ଦୋକାନ ବନ୍ଦ କରିଥିଲେ। ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ତାଙ୍କ ଦୋକାନର ତାଲା ଭାଙ୍ଗି ଦୁଇଟି ଗ୍ୟାସ୍ ଟାଙ୍କି, ଦୁଇ ହଜାର ଟଙ୍କା, ପାନ ମସଲା, ରୋଷେଇ ସାମଗ୍ରୀ ଚୋରି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ନାଲ୍‌କୋ ଅଞ୍ଚଳରେ ୧୮ ହାତୀ

ବଣ୍ଟଁରପାଳ, ୨୪।୯(ଡି.ଏନ.ଏ.)- ଅନୁଗୋଳ ଜିଲା ବଣ୍ଟଁରପାଳ ବ୍ଲକ ଅନ୍ତର୍ଗତ ଆକୁଳା ଆମ୍ବ ବୁରୀରେ କିଛିଦିନ ହେଲା ୧୮ ହାତୀ ଉପଦ୍ରବ ଚଳାଇଛନ୍ତି। ଏହି ହାତୀପଲ ତୁଳସୀପାଳ ଅଞ୍ଚଳରୁ ଆସିଛନ୍ତି। ସେମାନଙ୍କ ଉପଦ୍ରବରେ ବହୁ ଏକର ଜମିର ଧାନ, ଚିନା ବାଦାମ ସମେତ ପରିବା ଚାଷ ଉଜୁଡ଼ିଯାଇଛି। ହାତୀପଲ ଉପସ୍ଥିତିରେ ଗ୍ରାମରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ହାତୀପଲ ନାଲ୍‌କୋ ଅଞ୍ଚଳର ମୁଣ୍ଡାହଟିଂରେ ଡେରା ପକାଇଛନ୍ତି। ବନ ବିଭାଗ ହାତୀଙ୍କ ଗତିବିଧି ଉପରେ ନଜର ରଖିଛି।

# ପ୍ରୋତ୍ସାହନ ପାଇଁ ପଞ୍ଜୀକରଣ

- ଆଶୀର୍ବାଦ ଯୋଜନାରେ ସାମିଲ ପାଇଁ ଚୟନ ଶିବିର
- ଅନୁଗୋଳ ଜିଲାରେ ଅଭିଭାବକଙ୍କୁ ହରାଇଛନ୍ତି ୪୬୯ ଶିଶୁ
- ପ୍ରତି ବ୍ଲକରେ କରାଯିବ ସ୍ୱତନ୍ତ୍ର କ୍ୟାମ୍ପ

ଅନୁଗୋଳ ଅଫିସ, ୨୪।୯



ଅନୁଗୋଳଠାରେ ଅନୁଷ୍ଠିତ ଚୟନ ଶିବିରରେ ଶିଶୁଙ୍କ ନାମ ପଞ୍ଜୀକରଣ କରାଯାଉଛି।

ମହାମାରୀ କରୋନା ସଂକ୍ରମଣ ସାମାନ୍ୟ ଥମିଛି। ହେଲେ ପ୍ରଥମ ଓ ଦ୍ୱିତୀୟ ଲହରରେ ଏହା ନେଇଛି ଅନେକେ ମୁଣ୍ଡ। ଅନୁଗୋଳ ଜିଲାରେ କେବଳ କୋଭିଡ୍‌ରେ ଆକ୍ରାନ୍ତ ହୋଇ ୩୮୭ ଜଣଙ୍କ ଜୀବନ ଯାଇଛି। କରୋନା ସହ ଅନ୍ୟ ରୋଗରେ ପୀଡ଼ିତ ୧୫ ଶହରୁ ଊର୍ଦ୍ଧ୍ୱ ଲୋକ ଆଖି ବୁଜିଛନ୍ତି ଜିଲାରୁ। ୪୬୯ ଶିଶୁ ହୋଇଛନ୍ତି ଅଭିଭାବକ ଶୂନ୍ୟ। ଏମାନଙ୍କ ମଧ୍ୟରୁ ୪୪୯ ଜଣ ଏକକ ଅଭିଭାବକ (ମା' କିମ୍ବା ବାପା)ଙ୍କୁ ହରାଇଥିବାବେଳେ ୨୦ ଜଣ ଶିଶୁ ଉଭୟ ମା', ବାପାଙ୍କୁ ହରାଇଛନ୍ତି। ତେଣୁ ଏପରି ଶିଶୁଙ୍କୁ ସରକାରଙ୍କ ଆଶୀର୍ବାଦ ଯୋଜନାରେ ଥଇଥାନ ସହ ପ୍ରୋତ୍ସାହନ ଯୋଗାଇ ଦେବାକୁ ଅନୁଗୋଳ ଜିଲାରେ ଆରମ୍ଭ ହୋଇଛି ପଞ୍ଜୀକରଣ।

ଅଭିଭାବକଙ୍କୁ ହରାଇଥିବା ଅନୁଗୋଳ ଜିଲାର ୪୬୯ ଜଣ ୧୮ ବର୍ଷରୁ କମ୍ ବୟସ ପିଲାମାନଙ୍କୁ ଆଶୀର୍ବାଦ ଯୋଜନାରେ ସରକାରୀ ସୁବିଧା ଯୋଗାଇ ଦିଆଯିବ। ମାସିକ ଭତ୍ତା ସହ ରାଶନକାର୍ଡ ପ୍ରଦାନ କରାଯିବ। ଉଭୟ ମା' ଓ ବାପାଙ୍କୁ ହରାଇଥିବା ୨୦ ଜଣ ପିଲାଙ୍କୁ ମାସିକ ୨୫ଶହ ଟଙ୍କା ଲେଖାଏ ମାସିକ ପ୍ରୋତ୍ସାହନ ରାଶି ଦିଆଯିବ। ୪୪୯ ଜଣ ଏକକ ଅଭିଭାବକଙ୍କୁ ହରାଇଥିବା ପିଲାଙ୍କୁ ୧୫ଶହ ଟଙ୍କା ଲେଖାଏ ମାସିକ ପ୍ରୋତ୍ସାହନ ଦିଆଯିବ। ସେମାନଙ୍କୁ ଆଦୃତରେ ରଖି ପାଠ ପଢ଼ାଇବା ବ୍ୟବସ୍ଥା କରାଯିବ। ପରିବାରର ଅନ୍ୟ ସଦସ୍ୟଙ୍କ ନିକଟରେ ରହୁଥିବା ପିଲାଙ୍କ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷାକୁ ଦୃଷ୍ଟିରେ ରଖିବାକୁ ସମସ୍ତ ସିଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନାଥ ଶିଶୁଙ୍କ ଆଧାର କାର୍ଡ କରାଇବା ସହ ଅନୁସୂଚିତ ଜାତି ଓ ଜନଜାତି ପ୍ରମାଣପତ୍ର ବାହାର କରି ଏସ୍‌ଟି ଓ ଏସ୍‌ସି ବିଦ୍ୟାଳୟରେ ପଢ଼ାଇବାକୁ ବ୍ୟବସ୍ଥା କରାଯାଉଛି। ଅନୁଗୋଳ ବ୍ଲକର ଅଭିଭାବକଙ୍କୁ ହରାଇଥିବା ଶିଶୁଙ୍କ ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଏକ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଏଥିରେ ୨୬ଟି ପରିବାରରୁ ୪୬ ଜଣ ଅନାଥ ଶିଶୁଙ୍କ ପଞ୍ଜୀକରଣ ହୋଇଥିଲା। ଆଗାମୀ ଦିନରେ ସମସ୍ତ ବ୍ଲକ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏପରି କ୍ୟାମ୍ପ ଆୟୋଜନ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ଏହି ଶିବିରରେ ଶିଶୁ ବିକାଶ ପ୍ରକଳ୍ପ ଭାରପ୍ରାପ୍ତ ଅଧିକାରୀ ବିଦ୍ୟୁତ୍‌ପ୍ରଭା ବେହେରା ସହଯୋଗ କରିଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସଞ୍ଜୀବ କର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଶିଶୁ ସୁରକ୍ଷା କାର୍ଯ୍ୟାଳୟର ପିଓଏମ୍ଆଇସି ଝରଣା ନାୟକ, ଡାଟା ଆନାଲିଷ୍ଟ ଦିଲୀପ ନାୟକ, କାଉନସିଲର ମଧୁସ୍ମିତା ଧଳ, ଓଆରଡବ୍ଲ୍ୟୁ ସତ୍ୟାନନ୍ଦ ସାହୁ, ଯାଜ୍ଞସିନୀ ନାୟକ, ଆଦୃତ ଶିଶୁ ସଦନର ଅନିଲ ଦେବ, ଅନୁଗୋଳ ଚାଇଲ୍ଡ ଲାଇନ୍ ସଂଯୋଜିକା ଲିଜା ପାଣିଗ୍ରାହୀ, କାଉନସିଲର ପୂଜା ସ୍ୱାଇଁ, ଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସେପ୍ଟେମ୍ବର ୧୫ ପରେ ଯେଉଁ ଶିଶୁ ଅଭିଭାବକଙ୍କୁ ହରାଇଛନ୍ତି, ସେମାନଙ୍କୁ ଏହି ଯୋଜନାରେ ସାମିଲ ନ କରିବାକୁ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାକୁ ପ୍ରତ୍ୟାହାର କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

#### ସମସ୍ତ ଯୋଗ୍ୟଙ୍କୁ ସାମିଲ କରାଯିବ



ଯେଉଁ ଶିଶୁ ଏକକ ଓ ଉଭୟ ଅଭିଭାବକଙ୍କୁ ହରାଇଛନ୍ତି, ସେମାନଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ ପାଇଁ ଚୟନ କରାଯାଉଛି। ଅନୁଗୋଳ ବ୍ଲକ ସହ ଅନ୍ୟ ବ୍ଲକ ଗୁଡ଼ିକରେ ଏହି ପ୍ରକ୍ରିୟା ଜାରି ରହିଛି। ସମସ୍ତ ଯୋଗ୍ୟ ଶିଶୁଙ୍କୁ ଏଥିରେ ସାମିଲ କରାଯିବ। କେହି ବାଦ୍ ପଡ଼ିବେ ନାହିଁ।

-ଗୌରୀ ଶଙ୍କର ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ

#### ପିଲାଙ୍କ ପାଇଁ ବଡ଼ ଆଶ୍ୱାସନା



କରୋନାରେ ମା' କିମ୍ବା ବାପାଙ୍କୁ ହରାଇଥିବା ପିଲାଙ୍କ ସଂଖ୍ୟା କିଛି କମ୍ ନୁହେଁ। ଏମାନଙ୍କ ଥଇଥାନ ଉପରେ ସରକାର ଯେତିକି ଗୁରୁତ୍ୱ ଦେଉଛନ୍ତି, ଶିକ୍ଷା ଉପରେ ମଧ୍ୟ ସେତିକି ଧ୍ୟାନ ଦିଅନ୍ତୁ। ଏହାଦ୍ୱାରା ସରକାରଙ୍କ ଆଶୀର୍ବାଦ ଯୋଜନା ଏପରି ପିଲାଙ୍କ ପାଇଁ ବଡ଼ ଆଶ୍ୱାସନା ହୋଇପାରିବ।

-ସରୋଜ କୁମାର ଜେନା, ମୃତକଙ୍କ ସମ୍ପର୍କୀୟ

#### ଯୋଗ୍ୟମାନେ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ



ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଏହି ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରାଗଲେ ସେମାନେ ଉପକୃତ ହେବେ। ପ୍ରଶାସନ ଠିକ୍ ଭାବେ ଯାଞ୍ଚ କରି ଏକକ ଓ ଉଭୟ ଅଭିଭାବକଙ୍କୁ ହରାଇଥିବା ଶିଶୁଙ୍କୁ ସାମିଲ କଲେ ପିଲାଙ୍କ ଭବିଷ୍ୟତ ସୁଧୁରିବ।

-ଭୂପେଶ ଚନ୍ଦ୍ର ପ୍ରଧାନ, ବୁଦ୍ଧିଜୀବୀ

#### ଯୋଜନା ବନ୍ଦ ନ ହେଉ



ରାଜ୍ୟରୁ କରୋନା ଦୂର ହୋଇନାହିଁ। ଏବେ ବି ଲୋକମାନେ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ସରକାରଙ୍କ ଆଶୀର୍ବାଦ ଯୋଜନା ବନ୍ଦ ନ ହେଉ। ଏ ସମ୍ପର୍କିତ ନିର୍ଦ୍ଦେଶନାମା ପ୍ରତ୍ୟାହାର କରାଯାଉ। ଯୋଜନା ବନ୍ଦ ହୋଇଗଲେ ଏହି ଅନାଥ ପିଲାମାନଙ୍କ ଭବିଷ୍ୟତ ଓ ବଞ୍ଚିବା କଷ୍ଟକର ହୋଇପଡ଼ିବ।

-ଅନୁପମା ରାଉତ, ସମ୍ପାଦିକା, ଜୀତା ଏନ୍‌ଜିଓ

# ଅଶ୍ୱିନୀ ଶ୍ରେଷ୍ଠ ସ୍ନାତକ





ବେଷ୍ଟ ଗ୍ରାଜୁଏଟ ଅଶ୍ୱିନୀ କୁମାର ସାହୁ ଓ ଓଡ଼ିଆ ବିଭାଗର ଟପ୍ପର ସୁଚିସ୍ମିତା ବିଶ୍ୱାଳ।

ତାଳଚେର, ୨୪।୯(ନି.ପ୍ର.)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ + ୩ ସ୍ନାତକ ପାଠ୍ୟକ୍ରମର ତୃତୀୟ ବାର୍ଷିକ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ପାସ୍‌ହାର ୯୨.୯୧ ପ୍ରତିଶତ ରହିଛି। ଛାତ୍ରୀମାନଙ୍କ ପାସ୍‌ହାର ୯୪.୩୪ ଓ ଛାତ୍ରମାନଙ୍କ ପାସ୍ ହାର ୯୧.୧୨ ପ୍ରତିଶତ ହୋଇଛି। ବିଜ୍ଞାନ ବିଭାଗରେ ସର୍ବାଧିକ ୯୬.୬୦ ପ୍ରତିଶତ, କଳା ଓ ବାଣିଜ୍ୟ ବିଭାଗରେ ପାସ୍‌ହାର ଯଥାକ୍ରମେ ୯୧.୬୨ ଓ ୮୬.୦୫% ରହିଛି। ବିଜ୍ଞାନ ବିଭାଗରେ ଭୂତତ୍ତ୍ୱ ବିଜ୍ଞାନ ସମ୍ମାନ ଛାତ୍ର ଅଶ୍ୱିନୀ କୁମାର ସାହୁ, କଳା ବିଭାଗର ନୃତତ୍ତ୍ୱ ସମ୍ମାନ ଛାତ୍ର ଶୁଭ୍ରଜିତ ନାରାୟଣ ବଳ ଏବଂ ବାଣିଜ୍ୟ ବିଭାଗରେ ଛାତ୍ରୀ ଆରତୀ କୁମାରୀ ସିହ୍ନା ପ୍ରଥମ ଶ୍ରେଣୀରେ ପ୍ରଥମ କରିଛନ୍ତି। ଭୂତତ୍ତ୍ୱ ବିଜ୍ଞାନ ସମ୍ମାନ ଛାତ୍ର ଅଶ୍ୱିନୀ କୁମାର ସାହୁ ସର୍ବାଧିକ ନମ୍ବର ରଖି ମହାବିଦ୍ୟାଳୟସ୍ତରରେ ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରିଛନ୍ତି। ସେହିପରି ସ୍ନାତକୋତ୍ତର (ଓଡ଼ିଆ) ପାଠ୍ୟକ୍ରମରେ ପାସ୍‌ହାର ଶତ ପ୍ରତିଶତ ରହିଛି। ଛାତ୍ରୀ ସୁଚିସ୍ମିତା ବିଶାଳ ସର୍ବାଧିକ ନମ୍ବର ରଖି ଶ୍ରେଷ୍ଠ କୃତୀ ଛାତ୍ରୀ ହୋଇଛନ୍ତି। ବିବିଏ ପାଠ୍ୟକ୍ରମରେ ପାସ୍‌ହାର ମଧ୍ୟ ଶତ ପ୍ରତିଶତ ରହିଛି। ପ୍ରଜ୍ଞା ଶେଖର ଦାସ ସର୍ବାଧିକ ନମ୍ବର ରଖି ଶ୍ରେଷ୍ଠ କୃତୀ ଛାତ୍ର ହୋଇପାରିଛନ୍ତି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଅତିଥିଭାବେ ଯୋଗଦେଇ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଥିଲେ। ଅଧ୍ୟକ୍ଷ ବିନୟ ଖିଲାର, ପରୀକ୍ଷା ନିୟନ୍ତ୍ରକ ପାଣିଗ୍ରାହୀ ସୁବାସ ଚନ୍ଦ୍ର ଦାସ, ଉପନିୟନ୍ତ୍ରକ ବିରଞ୍ଚି ସାମଲ ଓ ଅନ୍ୟ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ପାଇଁ ଜିଲାପାଳଙ୍କୁ ପତ୍ର

ତାଳଚେର, ୨୪।୯(ନି.ପ୍ର.)

ଅନୁଗୋଳ ଜିଲା ତାଳଚେର ଥର୍ମାଲସ୍ଥିତ ଡିଏଭି ସ୍କୁଲ, ହାୟର ସେକେଣ୍ଡାରୀ ସ୍କୁଲ ଓ ଥର୍ମାଲ ବଜାର ଅଞ୍ଚଳରେ ୨୦ଦିନ ହେବ କେବୁଲ ପୋଡ଼ି ଯୋଗୁ ବିଦ୍ୟୁତ୍ ସରାବରାହ ବିଚ୍ଛିନ୍ନ ରହିଛି। ଅଦ୍ୟାବଧି ତାହା ମରାମତି କରାଯାଇ ନାହିଁ। ଏଥିପାଇଁ ସମ୍ପୃକ୍ତ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷକ ଏବଂ ସ୍ଥାନୀୟ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ ନ ଥିବାରୁ ସମଗ୍ର ଟିଟିପିଏସ୍ ବଜାର ଅଞ୍ଚଳ ଅନ୍ଧାରରେ ରହୁଛି। ଛାତ୍ରୀଛାତ୍ରଙ୍କ ଅନ୍ ଲାଇନ୍ କ୍ଲାସ ଜାରି ରହିଥିବା ବେଳେ ବିଦ୍ୟୁତ୍ ସମସ୍ୟା ଯୋଗୁ ଶିକ୍ଷକମାନେ ଶିକ୍ଷାଦାନ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହିତ ଜଳ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଏ ସମ୍ପର୍କରେ ତାଳଚେର ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଏକ ପତ୍ର ଲେଖି ଏନ୍‌ଟିପିସି/ଟିଟିପିଏସ୍ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ବିଦ୍ୟୁତ୍ ବ୍ୟବସ୍ଥା ଠିକ୍ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ନିବେଦନ କରିଛନ୍ତି।

# ଜିଲାପାଳଙ୍କୁ ଦାବିପତ୍ର ଦେଲା କଂଗ୍ରେସ



କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ ଅଫିସ, ୨୪।୯

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଏକ କ୍ୱାର୍ଟର୍ସ ମଧ୍ୟରୁ ବିପୁଳ ପରିମାଣର ଏକ୍ସପାଏରି ଔଷଧ ବାହାରିବା ଘଟଣାକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଦାବିପତ୍ରରେ ଦର୍ଶାଯାଇଛି, ଜିଲା ମୁଖ୍ୟ ଚିକିତ୍ସାଳୟରେ କେତେକ ଅବ୍ୟବସ୍ଥା ଓ ଔଷଧ ଦୁର୍ନୀତିର ନିରପେକ୍ଷ ତଦନ୍ତ ଦାବି କରି ଦଳ ପକ୍ଷରୁ ଗତ ୧୫ ତାରିଖରେ ଏଡିଏମଓ ମେଡିକାଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଏ ନେଇ ଜିଲାପାଳ ପଦକ୍ଷେପ ନ ନେଲେ ବାଧ୍ୟ ହୋଇ ଦଳ ରାସ୍ତାକୁ ଓହ୍ଲାଇବ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ଓବିସି ବିଭାଗ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ସାହୁ, ଜିଲା କଂଗ୍ରେସ ମୁଖପାତ୍ର ଗୋପାଳ ନାଥ, ଆଇନ ସେଲ୍ ଅଧ୍ୟକ୍ଷ ଧର୍ମେନ୍ଦ୍ର ମିଶ୍ର, କିଷାନ କଂଗ୍ରେସ ଅଧ୍ୟକ୍ଷ ଦାଶରଥି ସାହୁ, ଏସ୍‌ସି ସେଲ୍ ଅଧ୍ୟକ୍ଷ ନୀଳକଣ୍ଠ ନାଏକ, ମିଡିଆ ସେଲର ସୁବ୍ରତ ତ୍ରିପାଠୀ, ବ୍ଲକ କଂଗ୍ରେସ ସଭାପତି ଅମୂଲ୍ୟ ବେହେରା, ବଣ୍ଟଁରପାଳ ବ୍ଲକ ସଭାପତି ବିନୋଦ ମାଝି, ବରିଷ୍ଠ ନେତା ଜୟନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଳ୍ପ ସଞ୍ଚୟ ଯୋଜନା କର୍ମଶାଳା

ଅନୁଗୋଳ ଅଫିସ, ୨୪।୯

ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରଦ୍ଧାଞ୍ଜଳୀ ମାଝିଙ୍କ ଅଧ୍ୟକ୍ଷତାରେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ମିଳୁଥିବା ସୁବିଧାକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱଳ୍ପ ସଞ୍ଚୟ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଇଶାନି ପଣ୍ଡା ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ସୁକନ୍ୟା ସମୃଦ୍ଧି ଯୋଜନାରେ ବାର୍ଷିକ ଚକ୍ରବୃଦ୍ଧି ସୁଧହାର ଶତକଡା ୭.୬ ରହିବ। କିଷାନ ବିକାଶ ପତ୍ରରେ ଶତକଡା ବାର୍ଷିକ ୬.୯ ହାରରେ ଚକ୍ରବୃଦ୍ଧି ସୁଧ ମିଳିବ। ବରିଷ୍ଠ ନାଗରିକ ଯୋଜନାରେ ଶତକଡା ବାର୍ଷିକ ୭.୪ ପ୍ରତିଶତ ହାରରେ ବର୍ଷର ମାର୍ଚ୍ଚ ୩୧, ଜୁନ୍ ୩୦, ସେପ୍ଟେମ୍ବର ୩୦ ଏବଂ ଡିସେମ୍ବର ୩୧ ତାରିଖରେ ସୁଧ ପ୍ରଦାନ କରାଯିବ। ଡାକ ଘର ରେକରିଂ ଡିପୋଜିଟ୍‌ରେ ସୁଧ ହାର ୫.୮ ପ୍ରତିଶତ ରହିବ। ଜାତୀୟ ସଞ୍ଚୟ ସାର୍ଟିଫିକେଟ ଅଷ୍ଟମ ଇସ୍ୟୁରେ ଶତକଡା ବାର୍ଷିକ ୬.୮ ପ୍ରତିଶତ ହାରରେ ଚକ୍ରବୃଦ୍ଧି ସୁଧ ପ୍ରଦାନ କରାଯିବ। ଏହି କର୍ମଶାଳାରେ ପୋଷ୍ଟ ମାଷ୍ଟର ସୁଶାନ୍ତ କୁମାର ପାଣିଗ୍ରାହୀ, ଟ୍ରେଜେରୀ ଅଫିସର ଜୟନ୍ତ ବିଶ୍ୱାଳ, ଲିଡ୍ ବ୍ୟାଙ୍କ ମ୍ୟାନେଜର ସଞ୍ଜୀବ କୁମାର ନାୟକଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଲିଖିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ତାଳଚେର, ୨୪।୯(ନି.ପ୍ର.)





ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ମୃତ ଘରୋଇ ସୁରକ୍ଷାକର୍ମୀଙ୍କ ସ୍ତ୍ରୀଙ୍କୁ ନିଯୁକ୍ତି ଦେବାକୁ ଦାବି କରି ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦିଆଯାଇଥିଲା। ଅପରାହ୍ନରେ ଆୟୋଜିତ ବୈଠକରେ କମ୍ପାନୀ ପକ୍ଷରୁ ଦାବି ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମର ସୁଶୀଲ ସାହୁ ଏମ୍‌ସିଏଲ୍ ଜଗନ୍ନାଥ ଏରିଆରେ ଜଣେ ଘରୋଇ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ୨୦୧୯ ଅଗଷ୍ଟ ୨୬ରେ ସେ କାର୍ଯ୍ୟରତ ଥିବାବେଳେ ପ୍ରାଣ ହରାଇଥିଲେ। ତାଙ୍କ ବିଧବା ସ୍ତ୍ରୀ ମନୋରମା ସାହୁଙ୍କୁ ଜଗନ୍ନାଥ କ୍ଷେତ୍ରରେ ଘରୋଇ ସୁରକ୍ଷାକର୍ମୀ ଭାବେ ନିଯୁକ୍ତି ଦିଆଯିବା ନିମନ୍ତେ ସେତେବେଳେ ଲିଖିତ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ୨ ବର୍ଷ ପରେ ମଧ୍ୟ ଏମ୍‌ସିଏଲ୍ ମ୍ୟାନେଜମେଣ୍ଟ ନିଯୁକ୍ତି ଦେଇନାହାନ୍ତି। ଗତ ୧୮ ତାରିଖରେ ମନୋରମା ଜଗନ୍ନାଥ କ୍ଷେତ୍ର ଜିଏମ୍‌ଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ ୭ ଦିନ ମଧ୍ୟରେ ନିଯୁକ୍ତି ନ ମିଳିଲେ ୨୪ ତାରିଖରେ ଧାରଣା ଦେବେ ବୋଲି ନୋଟିସ ଦେଇଥିଲେ। ତେଣୁ ପୂର୍ବ ନିଷ୍ପତ୍ତି ମୁତାବକ ମନୋରମା ଓ ଘଣ୍ଟପଡ଼ା ଗ୍ରାମବାସୀ ଧାରଣାରେ ବସିଥିଲେ। ଆସନ୍ତା ଅକ୍ଟୋବର ୮ ତାରିଖ ସୁଦ୍ଧା ମନୋରମାଙ୍କୁ ଜଗ୍ନନାଥ କ୍ଷେତ୍ରରେ ନିୟୋଜିତ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ସମିତି ସଭ୍ୟା ସରୋଜିନୀ ବେହେରା, ନାଏବ ସରପଞ୍ଚ ଊର୍ମିଳା ଦେହୁରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜକିଶୋର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କ୍ଷୀରୋଦ ସାହୁ, ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ, ଗ୍ରାମ୍ୟ କମିଟି ମେମ୍ବର ଦୁଃଶାସନ ସାହୁ, କରୁଣାକର ସାହୁ, ମନୋଜ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଧାରଣାରେ ବସିଥିଲେ।

# ଜବତ କେନ୍ଦୁପତ୍ର ଯାଞ୍ଚ

ମାଧପୁର, ୨୪।୯

ଆଠମଲ୍ଲିକ ବନଖଣ୍ଡ ମାଧପୁର ବନାଞ୍ଚଳ ତରଫରୁ ଗତ ୨୨ ତାରିଖରେ ସନ୍ଦେହଜନକ ଭାବେ ଜବତ କରାଯାଇଥିବା ଏକ କେନ୍ଦୁପତ୍ର ଗାଡ଼ିର ଯାଞ୍ଚ ଶୁକ୍ରବାର ସାଧାରଣ ଜନତାଙ୍କ ଉପସ୍ଥିତିରେ କରାଯାଇଥିଲା। ରଣିଆକଟା ସେକ୍ସନ ଫରେଷ୍ଟର ଦୀପ୍ତିରଞ୍ଜନ ନାୟକ ପତ୍ରଫଡିରେ ହୋଇଥିବା ପତ୍ର ବନ୍ଧେଇ କାର୍ଯ୍ୟ ଏବଂ ସେହି ବନ୍ଧେଇ ପତ୍ରକୁ କୁନ୍ଦନାଳୀ ସେଣ୍ଟ୍ରାଲ ଗୋଦାମକୁ ସ୍ଥାନାନ୍ତର କରିବା ପ୍ରକ୍ରିୟାର ତଥ୍ୟ ଉପସ୍ଥାପନ କରିଥିଲେ। ଜବତ ବସ୍ତା ମଧ୍ୟରୁ ଗୋଟିଏ ବସ୍ତା ଅନ୍ୟ ଏକ ଫଡ଼ିରୁ ଅଣାଯାଇଥିଲା। ତେଣୁ ମିଳିଥିବା ପରମିଟ୍ ଫେକ୍ ବୋଲି ରେଞ୍ଜର ନାୟକ ପ୍ରକାଶ କରିଥିଲେ। ଆଠମଲ୍ଲିକ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶାନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମାଧପୁର ବନାଞ୍ଚଳ ଅଧିକାରୀ ସନ୍ତୋଷ ଭୋଇ ପ୍ରକାଶ କରିଥିଲେ। ଉକ୍ତ ଯାଞ୍ଚ ବେଳେ ରେଞ୍ଜର ସନ୍ତୋଷ କୁମାର ଭୋଇ, କିଆକଟା ଫରେଷ୍ଟର ଲିଙ୍ଗରାଜ ବେହେରା, ଉଦୟନାଥ ପ୍ରଧାନ, ମାଧପୁର କେନ୍ଦୁପତ୍ର ରେଞ୍ଜର ଉଦୟନାଥ ବେହେରା, ବନପାଳ ଦୀପ୍ତି ରଞ୍ଜନ ନାୟକ, କଣ୍ଡପଡ଼ା ସେକ୍ସନ ଫରେଷ୍ଟର ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରେଞ୍ଜର ଉଦୟ ବେହେରା କହିଛନ୍ତି, ଉକ୍ତ ଦିନ ଫରେଷ୍ଟର ଅନୁପସ୍ଥିତ ଥିଲେ। ରେଞ୍ଜର ମଧ୍ୟ ପରମିଟ ଦେଇପାରିବେ। ଗୋଟିଏ ପରମିଟରେ ଦୁଇଟି ଫଡ଼ିରୁ ପତ୍ର ଅଣାଯାଇପାରିବ।



ଜବତ ହୋଇଥିବା କେନ୍ଦୁପତ୍ର ଯାଞ୍ଚ କରାଯାଉଛି।

# ରାସ୍ତା ମରାମତି ଉପରେ ଗୁରୁତ୍ୱ

#### ସଡକ ସୁରକ୍ଷା କମିଟି ବୈଠକ

ଅନୁଗୋଳ ଅଫିସ, ୨୪।୯



ସଡ଼କ ସୁରକ୍ଷା ବୈଠକରେ ଜିଲାପାଳଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

ସଡ଼କ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ଶୁକ୍ରବାର ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସଡକ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତ୍ୟଧିକ ମାଲ ବୋଝେଇ ଗାଡି ଚଳାଚଳ, ଟ୍ରାଫିକ୍ ନିୟନ୍ତ୍ରଣ ନ ମାନିବା ଓ ଖରାପ ରାସ୍ତା ସମ୍ପର୍କରେ ବୈଠକରେ ଆଲୋଚନା ହେବା ସହ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକୁ କଡାକଡି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ରାସ୍ତା ଅବସ୍ଥା ଖରାପ କାରଣରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ଉଭୟ ସମ୍ବଲପୁର ଓ ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଆବଶ୍ୟକ ମରାମତି କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନୁଗୋଳ ଜିଲାରେ ଚଳିତ ବର୍ଷ ଜୁଲାଇ ସୁଦ୍ଧା ଦୁର୍ଘଟଣାରେ ୧୦୨ ଜଣ ପ୍ରାଣ ହରାଇଛନ୍ତି। ସେହିପରି ୨୦୧୮ରେ ୨୫୮, ୨୦୧୯ରେ ୨୧୨ ଓ ୨୦୨୦ରେ ୧୯୨ ଜଣଙ୍କ ଜୀବନ ଯାଇଛି। ତେଣୁ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକୁ ବ୍ୟାପକ କରାଯାଇଛି। ଗତ ୨୦ ତାରିଖ ସୁଦ୍ଧା ବିନା ହେଲମେଟ ବାବଦକୁ ୨୫୩୯ ଜଣ ଜରିମାନା ଗଣିଛନ୍ତି। ସିଟ୍ ବେଲ୍ଟ ବାନ୍ଧି ନ ଥିବାରୁ ୩୬୨ ଜଣ ଓ ଦ୍ରୁତ ଗତିରେ ଗାଡି ଚଳାଉଥିବା ୨୦୩୦ ଜଣ, ମଦ୍ୟପାନ କରି ଗାଡ଼ି ଚଳାଉଥିବା ୮୨ ଜଣ, ଅତ୍ୟଧିକ ମାଲ ପରିବହନ କରିଥିବା ୩୦୭ ଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ୧୪୦୪ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଛି। ୩୦୮ ଜଣଙ୍କ ଗାଡ଼ି ବାଜ୍ୟାପ୍ତ କରାଯାଇଛି। ଏଥିସହ ଟ୍ରକ୍ ଟର୍ମିନାଲ ନିର୍ମାଣ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଆଞ୍ଚଳିକ ପରିବହନ ଅଧିକାରୀ ବିଭାରଞ୍ଜନ ସାମନ୍ତସିଂହାର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ କୁମାର ନାୟକ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ସମରେନ୍ଦ୍ର ପଟ୍ଟନାୟକ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ବିନୟ ପଲ, ସଂଗ୍ରାମ ରଞ୍ଜନ ଦାସଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ସ୍ୱଚ୍ଛତା ପକ୍ଷ ପାଳନ ପାଇଁ ପ୍ରଶିକ୍ଷଣ




**ଭୁବନ, ୨୪।୯(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ସରକାରୀ ବଡ଼ହାଟ ହାଇସ୍କୁଲରେ ଶୁକ୍ରବାର ସ୍ୱଚ୍ଛତା ପକ୍ଷ ପାଳନ ସମ୍ପର୍କୀତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଇଓ ବ୍ରହ୍ମାନନ୍ଦ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଗଁଦିଆ ବିଇଓ ମିନତି ଦେହୁରୀ, ଏବିଇଓ ସଂସାରୀ ଦେହୁରୀ, ରାଜଲକ୍ଷ୍ମୀ ଟୁଡୁ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟଗୁଡ଼ିକୁ ସରସ ସୁନ୍ଦର କରିବା, ପରିବେଶ ସୁରକ୍ଷା, ପାନୀୟଜଳ ବ୍ୟବସ୍ଥା, କିଚେନ ଗାର୍ଡେନ ଉପରେ ଗୁରୁତ୍ୱ ଦେବାକୁ ଆଲୋଚନା କରାଯାଇଥିଲା। ପ୍ରଶିକ୍ଷକ ଚିତ୍ତରଞ୍ଜନ ସାମଲ, ଶିକ୍ଷା ବିଭାଗ କନିଷ୍ଠ ଯନ୍ତ୍ରୀ ଦେବରାଜ ରାଜ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଭୁବନ ଏନ୍ଏସି ସିଆର୍‌ସିସି ଶତ୍ରୁଘ୍ନ ପାତ୍ର ଧନ୍ୟବାଦ ଦେଇଥିଲେ।

### ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ, ୨୪।୯:** ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଦେଶର ସାହିତ୍ୟ ଓ ଇତିହାସ ପଢ଼ିଲେ ଏହାର ବୈଭବପୂର୍ଣ୍ଣ ଐତିହ୍ୟ ବିଷୟରେ ଜଣାପଡ଼ିବ। ବିଭାଗୀୟ ମୁଖ୍ୟ ପ୍ରାଧାପକ ସୁଧାଂଶୁ କୁମାର ବେହେରା ସମାଜରେ ସାହିତ୍ୟର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ମହେଶ୍ୱର ପଟ୍ଟନାୟକ ଅନ୍‌ଲାଇନ ପାଠପଢ଼ା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାଧାପିକା ଡ. ଶୁଭଲକ୍ଷ୍ମୀ ପଟ୍ଟନାୟକ, ଅଧାପିକା ଡ. ଗୌତମୀ ନାୟକ, ବିଭାବତୀ ଦାସ, ସୋନା ନାୟକ, ଅଧାପକ ନରେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଅଙ୍ଗନୱାଡି ସଂଘ ପକ୍ଷରୁ ଦାବିପତ୍ର

**ହିନ୍ଦୋଳ, ୨୪।୯(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୫ ଦଫା ସମ୍ବଳିତ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଘର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ଦେଇଥିଲେ। ଦରମା ବୃଦ୍ଧି, ବୀମା ସହାୟତା, କୋଭିଡ୍ ସହାୟତା, ଚାକିରି ନିୟମିତ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି।

### ୬ ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୨୪।୯:** ଢେଙ୍କାନାଳ ଜିଲାରୁ ଶୁକ୍ରବାର ୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୬ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳ, ଭୁବନ ବ୍ଲକ, ଭୁବନ ଏନ୍ଏସି ଏବଂ କଙ୍କଡ଼ାହାଡ଼ ବ୍ଲକରୁ ଜଣେ ଲେଖାଏ ରହିଛନ୍ତି। ଜିଲାରେ ସକ୍ରିୟ ମାମଲା ୪୪ରେ ପହଞ୍ଚିଥିବାବେଳେ ମୃତ୍ୟୁ ସଂଖ୍ୟା ୨୪୨ରେ ସ୍ଥିର ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଏନ୍ଏସ୍ଏସ୍ ପ୍ରତିଷ୍ଠା ଦିବସ ପାଳିତ

**ଭୁବନ, ୨୪।୯(ଡି.ଏନ୍.ଏ.):** ଭୁବନ ବାଜି ରାଉତ କଲେଜ ପରିସରରେ ଶୁକ୍ରବାର ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶିକ୍ଷାନୁଷ୍ଠାନ ପରିସରରେ ସଫେଇ କରାଯିବା ସହ ଚାରା ରୋପଣ କରାଯାଇଥିଲା। କଲେଜ ଅଧକ୍ଷ ଅଜିତ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଅଧାପକ ହିଂମାଂଶୁ ଶେଖର ମିଶ୍ର, କାର୍ଯ୍ୟକ୍ରମ ଅଧିକାରୀ ହୃଦାନନ୍ଦ ବେହେରା, ଶୁଭକାନ୍ତ ସାହୁ, ଅଧାପିକା ଡ. ଶ୍ରାବଣୀ କଳ୍ପନା ଯୋଗଦେଇ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ କିରାଣି କୈଳାସ ଚନ୍ଦ୍ର ବେହେରା, ଗ୍ରନ୍ଥାଗାରିକ ନନ୍ଦକିଶୋର ଧୀର, ଆକାଉଣ୍ଟାଣ୍ଟ ଶ୍ରୀବତ୍ସ ଥାଟୋଇଙ୍କ ସମେତ କଲେଜର ସମସ୍ତ ଅଧାପିକାଅଧାପକ, କର୍ମଚାରୀ ଉପସ୍ଥିତ ଥିଲେ।

# ଭାଙ୍ଗିଗଲା ସୋଲାର ବାଡ଼

■ହାତୀ ଉପଦ୍ରବ ବଢ଼ିବା ଆଶଙ୍କାରେ ଗ୍ରାମବାସୀ
■ବନ ବିଭାଗ ଅବହେଳାକୁ ଦାୟୀ କଲେ

**ପରଜଙ୍ଗ, ୨୪।୯(ଡି.ଏନ୍.ଏ.)**

ଢେଙ୍କାନାଳ ବନଖଣ୍ଡ ମହାବିରୋଡ୍ ରେଞ୍ଜ୍ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ସାଆନ୍ଦା ବିଟ୍‌ରେ ହାତୀ ଉପଦ୍ରବରୁ ଧନଜୀବନକୁ ସୁରକ୍ଷିତ ରଖିବା ଲାଗି ନିର୍ମାଣ କରାଯାଇଥିବା ସୋଲାର ବାଡ ଭାଙ୍ଗିଯାଇଛି। ଏଥିଲାଗି ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି ଅଞ୍ଚଳବାସୀ।

ଗତ କିଛିବର୍ଷ ହେଲା ମହାବିରୋଡ ରେଞ୍ଜ୍‌ରେ ହାତୀ ଉପଦ୍ରବ ବୃଦ୍ଧି ପାଇଛି। ବାରବାଙ୍କ ସଂରକ୍ଷିତ ଜଙ୍ଗଲ ନିକଟବର୍ତ୍ତୀ ଭାଲୁମୁଣ୍ଡା–କୁମୁସୀ ପୂର୍ତ୍ତ ବିଭାଗ ରାସ୍ତା ଅତିକ୍ରମ କରି ହାତୀପଲ ଅଁଳାକଟା, ବସନ୍ତପଡ଼ା, କୁମୁସୀ, ପାଟରପଦା, ଲୋଧଣି, କମର, ପାଳସାହି, କଟାବାହାଳ, କନ୍ଦରସିଂହା ଆଦି ଗ୍ରାମରେ ପଶି ବ୍ୟାପକ ଉପଦ୍ରବ କରୁଛନ୍ତି। ଏହାକୁ ରୋକିବା ଲାଗି ବାରବାଙ୍କ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ଭାଲୁମୁଣ୍ଡାଠାରୁ ବଡ଼ଯୋରା ଆଶ୍ରମ ଏବଂ ବଡ଼ଯୋରା ଆଶ୍ରମଠାରୁ ଅଁଳାକଟା ଯାଏ ବନ ବିଭାଗ ପକ୍ଷରୁ ସୋଲାର ବାଡ଼ ଟଣାଯାଇଥିଲା। ତେବେ ସାଆନ୍ଦା ବିଟ୍‌ରେ ନିୟୋଜିତ କର୍ମଚାରୀଙ୍କ ଅବହେଳା ଯୋଗୁ ଅନେକ ସ୍ଥାନରେ ବାଡ଼ ଭାଙ୍ଗିଯାଇଛି। ଏହାର ମରାମତି ନ ହେଲେ ଫସଲ ଅମଳ ସମୟରେ ହାତୀପଲ ଉପଦ୍ରବ ବଢ଼ିବ ବୋଲି ଚାଷୀମାନେ ଆଶଙ୍କାରେ ରହିଛନ୍ତି। ଏ ନେଇ ଗାର୍ଡ ନିରଞ୍ଜନ ନାଏକ କୁହନ୍ତି, ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ସୋଲାର ତାରବାଡ଼ ଭାଙ୍ଗିବା ସମ୍ପର୍କରେ ରେଞ୍ଜରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। ଅନ୍ୟପଟେ ରେଞ୍ଜର ହରମୋହନ ନାୟକ କହିଛନ୍ତି, ତାଙ୍କ ନିକଟରେ ଏ ସମ୍ପର୍କରେ କୌଣସି ସୂଚନା ନାହିଁ। ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ସୋଲାର ତାରବାଡ଼ ପିଲାର ଭାଙ୍ଗିଯାଇଛି।

## ବୃଦ୍ଧଙ୍କୁ କଚାଡ଼ିଦେଲା ହାତୀ

**ସାତମାଇଲ, ୨୪।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳରେ ହାତୀ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଜନବସତିମୁହାଁ ହାତୀପଲ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଶୁକ୍ରବାର ଭୋର୍‌ରେ ହାତୀ ଆକ୍ରମଣରେ ନୂଆବଗ ପଞ୍ଚାୟତ ଓସ୍ତପାଳ ଗ୍ରାମର ଶୁକଦେବ ସାହୁ (୭୨) ଗୁରୁତର ହୋଇଛନ୍ତି। ସେ ଶୌଚ ହେବାକୁ ଯାଇ ଫେରୁଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କ ବେକରେ ଗଭୀର ଆଘାତ ଲାଗିଛି। ଚିତ୍କାର ଶୁଣି ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପ୍ରଥମେ ହିନ୍ଦୋଳ ଏବଂ ପରେ ଅନୁଗୋଳ ମେଡିକାଲରେ ଭର୍ତ୍ତି କରିଛନ୍ତି। ହାତୀ ଉପଦ୍ରବ ବଢୁଥିବାବେଳେ ବନ ବିଭାଗ ଏହାର ପ୍ରତିକାର କରୁନାହିଁ। ଏହାର ପ୍ରତିବାଦରେ ଗ୍ରାମବାସୀ ଓସ୍ତପାଳ ନିକଟରେ ହିନ୍ଦୋଳ–ଗୁଡ଼ିଆକଟେଣି ରାସ୍ତା ଅବରୋଧ କରିଥିଲେ। ତହସିଲଦାର ସୁଶାନ୍ତ ମିଶ୍ର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଗୁରୁତର ବୃଦ୍ଧଙ୍କ ଚିକିତ୍ସା ଲାଗି ରେଡ୍‌କ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ଆର୍ଥିକ ସହଯୋଗ ଦେଇଥିଲେ। ମେଡିକାଲ ସାର୍ଟିଫିକେଟ ଆଧାରରେ ଅନୁକମ୍ପାମୂଳକ ରାଶି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ହାତୀଙ୍କ ଉପସ୍ଥିତି ଦେଖିଲେ ତୁରନ୍ତ ବନ ବିଭାଗକୁ ସୂଚନା ଦେବାକୁ ବନାଞ୍ଚଳ ଅଧିକାରୀ ନିବେଦନ କରିଛନ୍ତି।


ଗ୍ରାମବାସୀ ହିନ୍ଦୋଳ–ଗୁଡ଼ିଆକଟେଣି ରାସ୍ତା ଅବରୋଧ କରିଛନ୍ତି।

## ବଜ୍ରକାପ୍ତା ଉଦ୍ଧାର



**ଢେଙ୍କାନାଳ ଅଫିସ, ୨୪।୯**

ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ରେଞ୍ଜ୍ କରମୂଳ ନିକଟସ୍ଥ ଅଶ୍ୱଖୋଲା ସଂରକ୍ଷିତ ଜଙ୍ଗଲରୁ ଶୁକ୍ରବାର ଭୋର ସମୟରେ ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା' ଅନୁଷ୍ଠାନର ପାଚେରି ନିକଟରେ ଉକ୍ତ ବଜ୍ରକାପ୍ତା ବୁଲୁଥିବା ଦେଖି ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା ବନ ବିଭାଗକୁ ସୂଚନା ଦେଇଥିଲେ। ଷଡ଼ଙ୍ଗୀ ରେଞ୍ଜର ଚନ୍ଦ୍ରମଣି ବେହେରା, ଯୋରନ୍ଦା ବନପାଳ ନିରଞ୍ଜନ ମଲ୍ଲିକ, କର୍ମଚାରୀ ସୁଦାମ ମଲ୍ଲିକ, କାଶୀନାଥ ମଲ୍ଲିକ ପହଞ୍ଚି ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ଏହାକୁ ଗଣେଶଖୋଲା ଜଙ୍ଗଲରେ ଛଡ଼ାଯାଇଛି।

# ଜିଲା କାର୍ଯ୍ୟାଳୟ ଘେରିଲେ ସ୍କିମ୍ ୱାର୍କର



ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଢେଙ୍କାନାଳ ଅଫିସ,୨୪।୯**

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ଆହ୍ୱାନକ୍ରମେ ଶୁକ୍ରବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଘେରାଉ କରିଛନ୍ତି ସ୍କିମ୍ ୱାର୍କର। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ପାଚିକାମାନେ ସାମିଲ ହୋଇଥିଲେ। ସ୍କିମ୍ ୱାର୍କରମାନେ ବାଜିଚୌକଠାରୁ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ପରେ ଜିଲା କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଙ୍ଗନୱାଡି, ଆଶାକର୍ମୀ ଓ ପାଚିକାଙ୍କୁ ୱାର୍କର ମାନ୍ୟତା, ସର୍ବନିମ୍ନ ମାସିକ ଭତ୍ତା ୨୧ ହଜାର ଟଙ୍କା, ସର୍ବନିମ୍ନ ମାସିକ ପେନ୍‌ସନ ୩୦୦୦ ଟଙ୍କା, ସୁପ୍ରିମକୋର୍ଟର ନିର୍ଦ୍ଦେଶ ଅନୁଯାୟୀ ଅଙ୍ଗନୱାଡି କର୍ମୀଙ୍କୁ ଅତିରିକ୍ତ କାମରେ ନିୟୋଜିତ ନ କରିବା, ରୋଷେଇ ଲାଗି ଗ୍ୟାସ୍ ଯୋଗାଇଦେବା ଆଦି ୧୫ ଦଫା ଦାବିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ ସଭାପତି ସୁଜାତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ଶ୍ରମିକ ନେତା ରବି ରଥ, ବ୍ଲକ ସମ୍ପାଦିକା ଭାରତୀ ନାୟକ, ଏଆଇଟିୟୁସି ସଭାପତି ଯମେଶ୍ୱର ପୃଷ୍ଟି, ସମ୍ପାଦକ ନାରାୟଣ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ଅନୁଗୋଳ ଅଫିସ,୨୪।୯**

ପାଲଲହଡା ଥାନା ଖେମଲା ଗ୍ରାମର ସୁରେଶ ବେହେରାଙ୍କ ପୁଅ ଟିପୁନ୍ ବେହେରା ଗୁରୁବାର ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ପୋଲିସ କହିଛି, ଟିପୁନ୍ ବର୍ଷେ ପୂର୍ବରୁ ବିବାହ କରିଥିଲେ। ଗୁରୁବାର ଅପରାହ୍ଣରେ ନିଶାଶକ୍ତ ଅବସ୍ଥାରେ ଘରକୁ ଆସି ସେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପେଟ୍ରୋଲିୟମ୍ ସଂରକ୍ଷଣ କୃଷି କର୍ମଶାଳା

**ଢେଙ୍କାନାଳ ଅଫିସ, ୨୪।୯**

ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପେଟ୍ରୋଲିୟମ୍ ସଂରକ୍ଷଣ ସମ୍ପର୍କିତ ଏକ କୃଷିଭିତ୍ତିକ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପେଟ୍ରୋଲିୟମ୍ ସଂରକ୍ଷଣ ଅନୁସନ୍ଧାନ ସଂସ୍ଥା ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ୩୫ ଜଣ ଚାଷୀ ଯୋଗଦେଇଥିଲେ। ଏହି ଉପଲକ୍ଷେ ସଚେତନତାମୂଳକ ଭିଡିଓ ଓ ପୋଷ୍ଟର ପ୍ରଦର୍ଶିତ ହୋଇଥିଲା। ଉଠା ଜଳସେଚନରେ ବ୍ୟବହୃତ ପମ୍ପସେଟ୍, ଟ୍ରାକ୍ଟର ଏବଂ ଅନ୍ୟ କୃଷି ଯନ୍ତ୍ରପାତି ବ୍ୟବହାର ବେଳେ ପେଟ୍ରୋଲ, ଡିଜେଲ କିପରି ସଞ୍ଚୟ କରାଯାଇପାରିବ ସେ ନେଇ କର୍ମଶାଳାରେ ବୁଝାଯାଇଥିଲା। ଏଥିସହ ସୌରଶକ୍ତି ବ୍ୟବହାର ମାଧମରେ ପେଟ୍ରୋଲିୟମ ଜାତ ଦ୍ରବ୍ୟର ବ୍ୟବହାର କମାଯାଇପାରିବ ବୋଲି ଆଲୋଚନା ହୋଇଥିଲା। ମହିଷାପାଟ ଆଞ୍ଚଳିକ ଗବେଷଣା କେନ୍ଦ୍ରର ସହଯୋଗୀ ଗବେଷକ ତଥା ଅଧକ୍ଷ ଡ. ଦେବାଶିଷ ସ୍ୱାଇଁ, କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି, ବୈଜ୍ଞାନିକ ସସ୍ମିତା ପାଲ, ଦିବ୍ୟସୁନ୍ଦର କର, ଡ. ରୋଶନୀବାଳା ନାୟକ, ଶେଫାଳି ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଚାରୀ ନିହାର ରଞ୍ଜନ ବରାଳ, ବିରଜା ପ୍ରସାଦ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



କୃଷି କର୍ମଶାଳାରେ ଅତିଥିମାନେ।

# ସ୍ମାର୍ଟ ଶ୍ରେଣୀଗୃହ ଦେଖିଲେ ବିଧାୟକ

**ପରଜଙ୍ଗ, ୨୪।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବିଧାୟକ ଡା. ନୃସିଂହଚରଣ ସାହୁ ଶୁକ୍ରବାର ମୁକ୍ତାପଶି ହାଇସ୍କୁଲ, ମହେଶଚନ୍ଦ୍ର ସୁବାହୁସିଂ ହାଇସ୍କୁଲ, କଙ୍କଡ଼ାସୋଡ଼ା ହାଇସ୍କୁଲର ସ୍ମାର୍ଟ ଶ୍ରେଣୀଗୃହ ପରିଦର୍ଶନ କରିଛନ୍ତି। '୫–ଟି' ବ୍ୟବସ୍ଥାରେ ରୂପାନ୍ତରଣ କରାଯାଇଥିବା ଉକ୍ତ ଶ୍ରେଣୀ ପ୍ରକୋଷ୍ଠ ପରିଦର୍ଶନ ବେଳେ ବିଧାୟକ ଛାତ୍ରୀଛାତ୍ରଙ୍କୁ କୋଭିଡ୍ ଗାଇଡ୍‌ଲାଇନ୍ ନିୟମ ଅନୁପାଳନ ପୂର୍ବକ ପାଠପଢ଼ିବା, ମାସ୍କ ଏବଂ ସାନିଟାଇଜର ବ୍ୟବହାର କରିବାକୁ ଗୁରୁତ୍ୱାରୋପ କରିଥିଲେ। ତୃତୀୟ ଲହର ଏଡ଼ାଇବାକୁ ସମସ୍ତେ ସଚେତନ ରହିବାକୁ ସେ ନିବେଦନ କରିଛନ୍ତି। ପରଜଙ୍ଗ ବ୍ଲକ ଅଧକ୍ଷ ଅକ୍ଷୟ କୁମାର ବେହେରା, ସରପଞ୍ଚ ପ୍ରିୟଜିତ୍ ସାମଲ, ପବିତ୍ର ସାହୁ, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ଜଣେ ଛାତ୍ରୀଙ୍କୁ ମାସ୍କ ପିନ୍ଧାଉଛନ୍ତି।

## ସାପ କାମୁଡ଼ାରେ ନାବାଳିକା ମୃତ

**ଅନୁଗୋଳ ଅଫିସ,୨୪।୯**

ଅନୁଗୋଳ ଜିଲା ଖମାର ଥାନା କୁଞ୍ଜମ ଗ୍ରାମର ରଣିଆ ଚମ୍ପିଆଙ୍କ ଝିଅ ପ୍ରମିଳା ଚମ୍ପିଆ(୧୩)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ପ୍ରମିଳା ଗୁରୁବାର ରାତିରେ ପରିବାର ଲୋକଙ୍କ ସହ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଖମାର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣୁଥିବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଫେରିବାଲାଙ୍କୁ ଭୁଜାଲିରେ ହାଣି ଲୁଟ୍

**ଛେଣ୍ଡିପଦା,୨୪।୯(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା କମ୍ପସଲା ପଞ୍ଚାୟତ ବୁଢାପାଳ–କମ୍ପସଲା ରାସ୍ତାର ଅନ୍ଧାରିକଟା ଗ୍ରାମ ନିକଟରେ ଶୁକ୍ରବାର ଜଣେ ଫେରିବାଲାଙ୍କୁ ଦୁର୍ବୃତ୍ତମାନେ ଭୁଜାଲିରେ ଆକ୍ରମଣ କରି ଟଙ୍କା ଲୁଟି ନେଇଯାଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ବ୍ୟବସାୟୀଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ କମ୍ପସଲା ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ କହିଛି, ପଶ୍ଚିମବଙ୍ଗ ମୁର୍ସିଦାବାଦ ଅଞ୍ଚଳର ସମ୍ପୃକ୍ତ ଫେରିବାଲା ଛେଣ୍ଡିପଦା ସୀମାନ୍ତ ରିଆମାଳ ଥାନା ବୁଢ଼ାପାଳ ଗ୍ରାମରୁ ବ୍ୟବସାୟ ସାରି ଫେରୁଥିବାବେଳେ ୨ ଅଭିଯୁକ୍ତ ବାଇକ୍‌ରେ ଆସି ଅଟକାଇଥିଲେ। ଭୁଜାଲିରେ ଆକ୍ରମଣ କରି ୩ ହଜାର ଟଙ୍କା ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି।

## ଗୀତିନାଟ୍ୟ ପୁସ୍ତକ 'ସମର ତରଙ୍ଗ' ଲୋକାର୍ପିତ

**ଢେଙ୍କାନାଳ ଅଫିସ, ୨୪।୯**

ପ୍ରଥମ ଥର ଗୀତିନାଟ୍ୟରେ ରୂପାନ୍ତରଣ ହୋଇଛି ସମର କବି ବ୍ରଜନାଥ ବଡ଼ଜେନାଙ୍କ ରଚିତ 'ସମର ତରଙ୍ଗ' କାବ୍ୟ। ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ବୁଧବାର ଏହାର ଲୋକାର୍ପଣ କରାଯାଇଛି। ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସଙ୍ଗୀତ ନାଟକ ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ ପ୍ରମୁଖ ଉପସ୍ଥିତ ରହି ଏହାକୁ ଲୋକାର୍ପିତ କରିଥିଲେ। ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି କବି ଅବନୀ ମିଶ୍ର ଏହି ଗୀତିନାଟ୍ୟକୁ ରଚନା କରିଛନ୍ତି।

ଢେଙ୍କାନାଳର ଷାଠିଏବାଟିଆ ଗ୍ରାମରେ ମରହଟ୍ଟା–ଢେଙ୍କାନାଳ ରାଜାଙ୍କ ସୈନ୍ୟ ମଧ୍ୟରେ ହୋଇଥିଲା ଐତିହାସିକ ଯୁଦ୍ଧ। ଏହାର ବିବରଣୀକୁ ସ୍ୱରଚିତ କାବ୍ୟ 'ସମର ତରଙ୍ଗ'ରେ ସ୍ଥାନିତ କରିଥିଲେ କବି ବ୍ରଜନାଥ ବଡ଼ଜେନା। ଆଗାମୀ ଦିନରେ ଏହି ଗୀତିନାଟ୍ୟକୁ ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ କରାଯିବାକୁ ଯୋଜନା କରାଯାଇଥିବା ସଂସ୍କୃତି ବିଭାଗ ନିର୍ଦ୍ଦେଶକ କହିଛନ୍ତି।



ଗୀତିନାଟ୍ୟ ପୁସ୍ତକ 'ସମର ତରଙ୍ଗ'ର ଲୋକାର୍ପଣ କରାଯାଉଛି।

# ୨ରେ ଲୋକକଳା ଗ୍ରାମର ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୨୪।୯**

ଢେଙ୍କାନାଳ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଲୋକକଳା ଗ୍ରାମ ରାୟନୃସିଂହପୁରରେ ପାଳନ ହେବ ପ୍ରଥମ ବାର୍ଷିକ ମହୋତ୍ସବ ଏବଂ 'ଆଜାଦୀ କା ଅମୃତ ମହୋତ୍ସବ'। ଏହି ଉପଲକ୍ଷେ ବଛା ବଛା କଳାକାରଙ୍କୁ ନେଇ ୨ ଘଣ୍ଟିଆ ଲୋକନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେବ। କୋଭିଡ୍ ଗାଇଡ୍‌ଲାଇନ୍ ମଧ୍ୟରେ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମାପନ କରିବାକୁ ଗୁରୁବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ସମାରୋହ ଉପଲକ୍ଷେ ରାୟନୃସିଂହପୁର ଗ୍ରାମରେ ସକାଳ ୫ଟାରୁ ସନ୍ଧ୍ୟା ୫ଟା ଯାଏ ବିଭିନ୍ନ କାର୍ଯ୍ୟକ୍ରମ ହେବ। ଜିଲାର ବଛା ବଛା ଲୋକନୃତ୍ୟ ଦଳ ସନ୍ଧ୍ୟା ୬ଟାରୁ ରାତି ୮ଟା ଯାଏ ନୃତ୍ୟ ପରିବେଷଣ କରିବେ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ରେଳଷ୍ଟେଶନକୁ ସୌନ୍ଦର୍ଯ୍ୟକରଣ କରିବା ସହ ସେଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଢେଙ୍କାନାଳର ଲୁପ୍ତପ୍ରାୟ ଛଉନୃତ୍ୟର ପୁନରୁଦ୍ଧାର କରିବା ଲାଗି ତ୍ୱରିତ ପଦକ୍ଷେପ ନେବାକୁ ଜିଲାପାଳ ସରୋଜ କୁମାର ସେଠୀ ପରାମର୍ଶ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସମେତ ଜିଲା ସଂସ୍କୃତି ପରିଷଦ ଅଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ।

### ଲୋକନୃତ୍ୟରେ କଣ୍ଢିବ ରାୟନୃସିଂହପୁର

ମୁଖ୍ୟମନ୍ତ୍ରୀଙ୍କ ଲୋକକଳା ଟ୍ରଫି–୨୦୨୧ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ପଠାଯିବ। ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଦଳ ଲୋକକଳା ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲା ସଂସ୍କୃତି ପରିଷଦ ଉପଦେଷ୍ଟା ପ୍ରଦ୍ୟୁମ୍ନ ରଥ, ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

